# Akashvani, Sambalpur

## SAMBALPURI NEWS MORNING BULLETIN

## 8 March 2026 - 6.47- 6.52 am.

---

ଆନ୍ତର୍ଜାତିକ ମହିଳା ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର୍

ମହିଳାମାନ୍‌କର୍ ଅଧିକାର୍, ସମ୍ମାନ୍, ଲିଙ୍ଗଗତ ଭେଦଭାବ୍‌କେ ଦୂର୍ କର୍‌ବାର୍ ସହେତେ ସେମାନ୍‌କର୍ ରାଜନୈତିକ, ସାମାଜିକ ଆର୍ ଆର୍ଥିକ୍ ଉନ୍ନତି ଲାଗି ଖାସ୍ ଧିଆନ୍ ଦେବାର୍ ଲକ୍ଷ୍ୟ ଥି ଆଏଜ୍ ଅନ୍ତର୍ଜାତୀୟ ମହିଳା ଦିବସ୍ ପାଳନ୍ କରାଯାଉଛେ । ମିଳିତ୍ ଜାତିସଂଘ ତରଫୁ ୧୯୭୫ ମସିହାନୁ ଆଝିର୍ ଦିନ୍‌କେ ଅନ୍ତର୍ଜାତୀୟ ମହିଳା ଦିବସ୍ ଭାବେ ପାଳନ୍ କରାଯାଉଛେ । ଇ ବଛର୍ ମହିଳା ଦିବସ୍‌ର ବାର୍ତା ହେଉଛେ 'ଦାନ୍ ନୁ ଲାଭ୍' ।

ଅନ୍ତର୍ଜାତୀୟ ମହିଳା ଦିବସ-ରାଷ୍ଟ୍ରପତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ଆଏଜ୍ ନୂଆଦିଲ୍ଲୀର୍ ମାନେକ୍ସା କେନ୍ଦ୍ର ଠାନେ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଉଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ମହିଳାମାନ୍‌କର୍ ନେତୃତ୍ୱଥି ବିକାଶ୍‌କେ ନେଇକରି ଖାସ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯିବା ।

ଅନ୍ତର୍ଜାତୀୟ ମହିଳା ଦିବସ-ମାରାଥନ୍ ଆଇ.ଆଣ୍ଡ୍.ପି.ଆର୍

ଅନ୍ତର୍ଜାତୀୟ ମହିଳା ଦିବସ ଅବ୍‌ସରେ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ଅନ୍ତର୍ଜାତୀୟ ମହିଳା ଦିବସ ମାରାଥନ୍ ଆୟୋଜିତ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ସଖାଲର୍ ୬ ବଜେ ହେଇଥିବା କାର୍ଯ୍ୟକ୍ରମ୍‌ଥି ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମାରାଥନ୍‌କେ ଶୁଭାରମ୍ଭ କରିଛନ୍ ।

ଅନ୍ତର୍ଜାତୀୟ ମହିଳା ଦିବସ-ବାର୍ତା ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟ ଆଉ ରାଜ୍ୟ ବାହାରେ ଥିବା ମା’ ବହେନ୍ ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ । ଆଝିରର୍ ମହିଳା ଖାଲି ପରିବାର୍‌ର ଶକ୍ତି ନୁହନ୍, ସେମାନେ ହେଉଛନ୍, ସମାଜ୍ ଆଉ ରାଷ୍ଟ୍ରଗଠନ୍‌ର ମୂଳ ଶକ୍ତି ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟର୍ ସବୁ ମାତୃଶକ୍ତିଙ୍କୁ ଶୁଭେଚ୍ଛା ଜନେଇକରି କହିଛନ୍, ଆଝିରର୍ ଓଡ଼ିଶା ସର୍‌କାର୍ ମହିଳା କେନ୍ଦ୍ରିକ୍ ଶାସନ୍ ଆଡ଼େ ଦୃଢ଼ ସଂକଳ୍ପର୍ ସହେତେ ଆଗ୍‌କେ ବଢୁଛନ୍ । ଯେନ୍‌ଥି ମହିଳାମାନେ ଖାଲି ହିତାଧିକାରୀ ନୁହନ୍, ଓଡ଼ିଶାର୍ ବିକାଶ୍ ଯାତ୍ରାଥି ମୁଖିଆ ନେତୃତ୍ୱ ନେଉଛନ୍ ।

ସୁଭଦ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ରାଜ୍ୟର୍ ୧ କୋଟି ୨ ଲାଖ୍ ନୁ ଅଏତ୍‌କା ସୁଭଦ୍ରା ହିତାଧିକାରୀଙ୍କୁ ୪ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ବାଂଟ୍‌ବେ । ପୁରୀ ତାଳବଣିଆ ପଡ଼ିଆ ଠାନେ ସୁଭଦ୍ରା

ହିତାଧିକାରୀମାନ୍‌କୁ ନେଇକରି ଗୁଟେ ବିଶାଳ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯିବା । ରାଜ୍ୟ ସର୍‌କାର୍ ଇ କିସ୍ତି ବାବଦ୍‌ଥି ୫ ହଜାର୍ କୋଟି ଟଙ୍କା ଖର୍ଚ୍ଚା କର୍‌ବେ । ଇ ବଛର୍ ୨ ଲାଖ୍ ୧୩ ହଜାର୍ ନୂଆଁ ମହିଲା ହିତାଧିକାରୀ ଯୋଜ୍‌ନାଥି ସାମିଲ୍ ହେବେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଙ୍କର୍ ସହେତେ ଜିଲ୍ଲାର୍ ସାଂସଦ୍ ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ରହେବାର୍ କାର୍ଯ୍ୟସୂଚୀ ରହିଛେ ।

ଅନ୍ତର୍ଜାତୀୟ ମହିଲା ଦିବସ-କାର୍ଯ୍ୟକ୍ରମ୍ ଆଇ.ଆଣ୍ଡ୍.ପି.ଆର୍

ଅନ୍ତର୍ଜାତୀୟ ମହିଲା ଦିବସ୍ ଆଘର୍ ସଞ୍ଝେ ଭୁବ୍‌ନେଶ୍ୱର୍ ଠାନେ ଭିନ୍ ଭିନ୍ କ୍ଷେତ୍ରଥି ଅବଦାନ୍ ଥିବା ବିଶିଷ୍ଟ ମହିଲାମାନ୍‌କୁ ସମ୍ମାନିତ୍ କର୍‌ବାର୍ ଲାଗି ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଥିଲା । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି କହିଛନ୍, ରାଏଜେ ମହିଲା ସଶକ୍ତିକରଣ୍‌ର ସୁନାମୀ ଆସିଛେ ଆଉ ମହିଲାମାନେ ଓଡ଼ିଶାର୍ ବିକାଶ୍‌ଥି ନେତୃତ୍ୱ ନେଉଛନ୍ । ଇ ଅବ୍‌ସରେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କୁ

ଜନପ୍ରଶାସନ୍ କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ ଆଇ.ଆଣ୍ଡ୍.ପି.ଆର୍

ଅନ୍ତର୍ଜାତୀୟ ମହିଳା ଦିବସ୍ ଆଘୋନୁ ଗଲାକାଏଲ୍ କୋଣାର୍କ ନ ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀର୍ ଶୁଭାରମ୍ଭ ହେଇଯାଇଛେ । ୬ ଦିନ୍‌ତକ୍ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ୩୦ ଟା ଜିଲ୍ଲାର୍ ପାଖାପାଖି ୭ ଶହ ଝନ୍ ମିଶନ୍ ଶକ୍ତି, ବ୍ଲକ୍‌ସ୍ତରୀୟ ସଂଘର୍ ସଭାପତି ସମ୍ପାଦକ୍ ଆଉ ଅଧିକାରୀମାନେ ଭାଗ୍ ନେବେ ।

ଅନ୍ତର୍ଜାତୀୟ ମହିଳା ଦିବସ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ୩ ଦିନିଆ ଅନ୍ତର୍ଜାତୀୟ ମହିଳା ଦିବସ୍ ପାଲନ୍ ଅବ୍‌ସରେ ୨ ନମ୍ବର୍ ଦିନେ ଗଲାକାଏଲ୍ ମହିଳା ଆଉ ଛାତ୍ରୀମାନ୍‌କୁ ଆତ୍ମରକ୍ଷା କୌଶଲ୍‌ର ତାଲିମ୍ ଦିଆଯାଇଛେ । ସୁବର୍ଣ୍ଣପୁର୍ ନୂଆଁ

ଟାଉନ୍‌ହଲ୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜୁଡ଼ୋ, କରାଟେ ବାଗିର୍ ଆତ୍ମସୁରକ୍ଷା କୌଶଲ୍‌ର ପ୍ରଦର୍ଶନ୍ ସହେତେ ତାଲିମ୍ ଦିଆୟାଇଛେ । ଆଏଜ୍ ସଚେତନତା ପଦୟାତ୍ରା ସହେତେ ଜିଲ୍ଲାସ୍ତରୀୟ ମହିଲା ଦିବସ୍ ପାଲନ୍ କରାୟିବା ।

ଜଙ୍ଗଲ୍ ଜମି- ସୀମା ନିର୍ଦ୍ଧାରଣ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଅନୁସୂଚିତ ଜନଜାତି ଆଉ ପାରମ୍ପାରିକ୍ ବନବାସୀ ମାନ୍‌କର୍ ଜଙ୍ଗଲ୍ ଜମି ଅଧିକାର୍ ସୁରକ୍ଷା ଲାଗି ଜଙ୍ଗଲ୍ ଜମିର୍ ସୀମା ନିର୍ଦ୍ଧାରଣ୍ ଆଉ ପଟ୍ଟା ନକ୍ସା ସଂଶୋଧନ୍ କାମ୍ କରାୟିବା । ଇତାକେ ଜଲ୍‌ଦି ସାର୍‌ବାର୍‌କେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ସବୁ ଜିଲ୍ଲାପାଲ୍ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଭୁଲେଖ୍ ଡାଟାବେସ୍‌ଥି ବାକିଥିବା ପଟ୍ଟା ଆଉ ନକ୍ସା ସଂଶୋଧନ୍ ସହେତେ ଜଙ୍ଗଲ୍ ଜମିର୍ ସୀମା ନିର୍ଦ୍ଧାରଣ୍ କାମ୍ ଆଏବା ଏପ୍ରିଲ୍ ୩୦ ତାରିଖ୍‌ତକ୍ ଶେଷ୍ କର୍‌ବାର୍‌କେ କୁହାୟାଇଛେ ।

ଟ୍ରେନ୍ ଚଲାଚଲ୍-ପୁରୀ          ପୁରୀ ସମ୍ବାଦଦାତା

ପୁରୀ ରେଲ୍‌ଷ୍ଟେସନ୍‌ର ଭିତିଭୂମିର୍ ଉନ୍ନତି ଲାଗି ଆଏବା ୧୧ ତାରିଖ୍‌ନୁ ମେ ମାସର୍ ୧୬ ତାରିଖ୍‌ତକ୍ ଟ୍ରେନ୍ ଚଲାଚଲ୍‌ଥି ଅସ୍ଥାୟୀ ପରିବର୍ତନ୍ କରାଯିବା ବଲି ପୂର୍ବତଟ ରେଲ୍‌ପଥ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ସମିଆ ଭିତ୍‌ରେ କେତେଟା ଟ୍ରେନ୍ ସାକ୍ଷୀଗୋପାଲ୍, ମାଲ୍‌ତୀପାଟପୁର, ବୀରପୁରୁଷୋତମ୍‌ପୁର ଆଉ ଖୋର୍ଦ୍ଧା ରେଲ୍‌ଷ୍ଟେସନ୍ ନ ଅସ୍ଥାୟୀ ଭାବେ କମ୍ ସମିଆ ଲାଗି ରହେବା ଛାଡ଼୍‌ବା । ପୁରୀ ଆଉ ଇ ଷ୍ଟେସନ୍ ମାନ୍‌କର୍ ଭିତ୍‌ରେ ଯାତ୍ରୀ ସୁବିଧା ଲାଗି ବସ୍ ସେବାର୍ ଭିଲ୍ ବ୍ୟବସ୍ଥା କରାଯିବା । ଯାତ୍ରୀମାନ୍‌କୁ ଯାତ୍ରା ଆଘୋନୁ ଏନ୍‌ଟିଇଏସ୍ ନାହେତ ରେଲ୍‌ବାଇ ଅନୁସନ୍ଧାନ୍ ପ୍ରଣାଲୀ ସହେତେ ଟ୍ରେନ୍ ମାନ୍‌କର୍ ଥିତି ଯାଂଚ୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ ।

ଟି-୨୦ ବିଶ୍ୱକପ୍-ଫାଇନାଲ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇସିସି ଟି-ଟ୍ୱେଂଟି ବିଶ୍ୱକପ୍ ପୁରୁଷ କ୍ରିକେଟ୍‌ଥି ଆଏଜ୍ ଭାରତ୍-ନ୍ୟୁଜିଲାଣ୍ଡ୍ ଭିତ୍‌ରେ ଫାଇନାଲ୍ ମେଚ୍ ଖେଲାଯିବା ।

ଅହମ୍ମଦାବାଦ୍ ନ ଥିବା ପୁର୍‌ଥିର୍ ସବୁନୁ ବଡ଼ ନରେନ୍ଦ୍ର ମୋଦୀ ଷ୍ଟାଡ଼ିୟମ୍ ନ ବେଲବୁଡ଼ର୍ ୭ ବଜେନୁ ଖେଲ୍ ମୁଲ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମା ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ବଙ୍ଗୋପ୍‌ସାଗର୍ ଆଡୁ ଆସୁଥିବାର୍ ଜଲୀୟବାଷ୍ପ ଥିବା ପବନ ଲାଗି ରାଏଜେ ବର୍ଷା ଲାଗି ପାଗ୍ ଅନୁକୂଲ୍ ରହିଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍‌ଠାନୁ ଆଏବା ୩ ଦିନ୍‌ତକ୍ ବିଜ୍‌ଲି ମାର୍‌ବାର୍ ସହେତେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆଏବା ୨୪ ଘଂଟା ଲାଗି ୨୩ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।